## ସଂକ୍ଷେପରେ



### ଗୁମ୍ମା ଘାଟିରେ ଓଲଟିଲା ଅଟୋ,୩ ଗୁରୁତର

**ରାୟଗଡା ଅଫିସ, ୧୧।୧୦:** ସ୍ଥାନୀୟ ଗୁମ୍ମା ଘାଟି ନିକଟରେ ଏକ ଅଟୋ ଓଲଟି ପଡ଼ିବାରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତଳ କୁଟୁଙ୍ଗିଆର ଗିରି ମାନିଆକା (୪୦), ଲକ୍ଷ୍ମୀପୁର ନୂଆସାହିର ଡ୍ରାଇଭର ଶିବ ପ୍ରସାଦ ପଟ୍ଟନାୟକ (୩୩) ଓ ଆରପିଏଫ ଯବାନ ପି.ଭି. ଆରମୂର୍ତ୍ତି । ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ଶିବଙ୍କୁ କୋରାପୁଟ ପଠାଯାଇଛି । ଉକ୍ତ ଅଟୋରେ ୫ ଜଣ ଲକ୍ଷ୍ମୀପୁରରୁ ରାୟଗଡ଼ା ଅଭିମୁଖେ ଆସୁଥିଲେ । ଗାଡ଼ିର ବ୍ରେକ୍ ଫେଲ ହୋଇଯିବାରୁ ଅଟୋଟି ଭାରସାମ୍ୟ ହରାଇ ଗୁମ୍ମା ଘାଟିରୁ ଓଲଟି ପଡ଼ିଥିଲା । ଫଳରେ ୩ ଜଣ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିବା ସହ ଏକ ମାମଲା(ନଂ ୨୫୩/୧୯) ରୁଜୁ କରିଛି ।

### ବାଇକ୍ ଦୁର୍ଘଟଣାଗ୍ରସ୍ତ
## ଜଣେ ମୃତ, ୨ ଗୁରୁତର

**ଆମ୍ବାଦୋଲା, ୧୧।୧୦(ଡ଼ି.ଏନ.ଏ):** ରାୟଗଡା ଜିଲା ଅମ୍ବାଦଲା ଥାନା ଅନ୍ତର୍ଗତ କୁର୍ମାଯୋଡି ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ରଟଡି ଗ୍ରାମର ସୁଧୀର ବିଦ୍ରିକା । ଆହତ ହୋଇଥିବା ଅନନ୍ତ କାଡ୍ରାକା ଓ ବିଜୟ ନୁଡ୍ରୁକାଙ୍କୁ ବିଷମକଟକସ୍ଥିତ ଖ୍ରୀଷ୍ଟିଆନ ମେଡିକାଲରେ ଭର୍ତ୍ତି କରାଯାଇଛି ।

ଉକ୍ତ ୩ ଯୁବକ ଗୋଟିଏ ବାଇକ୍‌ରେ ମେରିଙ୍ଗରେ ଆୟୋଜିତ ଝାମୁଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ କୁର୍ମାଯୋଡ଼ି ନିକଟରେ ବାଇକ୍‌ର ସ୍ପିଡବ୍ରେକ ଫେଲ ହେବାରୁ ସେମାନେ ବାଇକ୍‌ରୁ ଛିଟିକି ପଡିଥିଲେ । ଫଳରେ ସୁଧୀରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପୋଲିସ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି । ପ୍ରକାଶଥାଉ କି ଉକ୍ତ ଅଞ୍ଚଳରେ ଅନେକଗୁଡିଏ ବେଆଇନ ହମ୍ପ ଗଢିଉଠିଛି । ଗାଁ ଲୋକେ ନିଜେ ନିଜେ ହମ୍ପଗୁଡିକ ତିଆରି କରିଛନ୍ତି । ଯାହାଦ୍ୱାରା ଅଧିକାଂଶ ସମସୟ ଦୁର୍ଘଟଣା ଘଟୁଥିବା ଜଣାଯାଇଛି ।

# ରୋଜଗାର ଯୋଗାଇଛି ଶାଳପତ୍ର

**ଆମ୍ବାଦୋଲା, ୧୧।୧୦(ଡ଼ି.ଏନ.ଏ)**

■ ୭୦ ଠୋଲାକୁ ମିଳେ ମାତ୍ର ୧୫ଟଙ୍କା
■ ଦୈନିକ ରୋଜଗାର କରନ୍ତି ୧୫୦ରୁ ୨୦୦ ଟଙ୍କା



ମହିଳାମାନେ ଶାଳପତ୍ରରେ ଠୋଲା ପ୍ରସ୍ତୁତ କରୁଛନ୍ତି।

ରାୟଗଡ଼ା ଜିଲା ଆମ୍ବାଦୋଲା ସରକାରୀ ଚିକିତ୍ସାଳୟ ନିକଟରେ ରହିଛି ଖଇରା ସାହି । ଏଠାରେ ଖଇରା ସମ୍ପ୍ରଦାୟର ୫୦/୬୦ ପରିବାର ବସବାସ କରୁଛନ୍ତି । ଉକ୍ତ ସାହିର କିଛି ଲୋକ ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଶ୍ରମିକ ଭାବେ କାମ କରନ୍ତି। ପ୍ରାୟ ୨୦ଟି ପରିବାରର ମହିଳାଙ୍କୁ ଶାଳପତ୍ର ରୋଜଗାର ଯୋଗାଇଛି । ପେଟ ପାଇଁ କାହା ଉପରେ ନିର୍ଭର ନ କରି ଶାଳପତ୍ର ବିକ୍ରି କରି ରୋଜଗାର କରୁଛୁ ବୋଲି କହିଛନ୍ତି ମହିଳାମାନେ । ସାହିର ମହିଳାମାନେ ନିକଟସ୍ଥ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ପତ୍ରଠୋଲା ବା ଦନା ପ୍ରସ୍ତୁତ କରିଥାନ୍ତି । ଏହାକୁ ନେଇ ବିଭିନ୍ନ ହୋଟେଲରେ ଦେବା ସହ ବିକ୍ରି କରି ଯାହା ରୋଜଗାର କରନ୍ତି ସେଥିରେ ସେମାନଙ୍କ ପରିବାର ଚଳେ । ଏହି ଅଞ୍ଚଳରେ ଶାଳପତ୍ର ଠୋଲାର ବେଶ୍ ଚାହିଦା ରହିଛି। ସ୍ଥାନୀୟ ଅଞ୍ଚଳର ଲୋକମାନେ ଠୋଲା କିଣି ଘରକୁ ମଧ୍ୟ ନେଇଥାନ୍ତି । ବିଶେଷକରି ପୂଜାପର୍ବ ସମୟରେ ଏହା ଅଧିକ ବିକ୍ରି ହୋଇଥାଏ। କଞ୍ଚା ବାଉଁଶକୁ ସରୁ ସରୁ କାଟି କାଠି କରାଯାଏ । ଏହି ସବୁ କାଠି ସାହାଯ୍ୟରେ ପତ୍ରରେ ଠୋଲା ପ୍ରସ୍ତୁତ କରିଥାନ୍ତି । ୭୦ଟି ଠୋଲାକୁ ମାତ୍ର ୧୫ଟଙ୍କାରେ ବିକ୍ରି କରିଥାନ୍ତି । ଦୈନିକ ୧୫୦ରୁ ୨୦୦ ଟଙ୍କା ରୋଜଗାର କରିଥାନ୍ତି ସେମାନେ । ଟଙ୍କା ଅଧିକ ନ ହେଲେ ମଧ ସ୍ୱାବଲମ୍ବୀ ହୋଇ ସମ୍ମାନର ସହ ବଞ୍ଚୁଛୁ ବୋଲି କହିଛନ୍ତି ମହିଳାମାନେ । ବର୍ତ୍ତମାନ ସରକାର ପ୍ଲାଷ୍ଟିକ୍ ବର୍ଜନ କରିଥିବା ବେଳେ ଏହାର ବିକ୍ରି ମଧ୍ୟ ବଢିଥିବା ଜଣାଯାଇଛି । ଏହି ଠୋଲା କାରିଗରଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ସେମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

■ ଶିକ୍ଷକ ପଦବୀ ପୂରଣରେ ଅଣଦେଖା

## ଆବେଦନକାରୀଙ୍କ ଜିଲାପାଳଙ୍କୁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ଆବେଦନକାରୀମାନେ।

**ରାୟଗଡା ଅଫିସ, ୧୧।୧୦**

ଅନୁସୂଚିତ ଜାତି ଏବଂ ଜନଜାତି ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଶିକ୍ଷକ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନେ ଶୁକ୍ରବାର ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ପ୍ରାର୍ଥୀମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଅନ୍ୟ ଜିଲାଗୁଡିକରେ ଏହି ପଦବୀ ନିମନ୍ତେ ପ୍ରକାଶିତ ବିଜ୍ଞାପନ ଅନୁସାରେ ଜିଲାର ଯୋଗ୍ୟତା ପ୍ରାର୍ଥୀମାନଙ୍କୁ ପ୍ରଥମେ ଗୁରୁତ୍ୱ ଦିଆଯାଉଛି । ଜିଲାରେ ଓଏସଟିଇଟି ପ୍ରାର୍ଥୀ ଉପଲବ୍ଧ ନ ଥିଲେ, ବିଏ ଏବଂ ବିଏସି ଯୋଗ୍ୟତା ପ୍ରାର୍ଥୀଙ୍କୁ ଆଗ୍ରାଧିକାର ଦିଆଯିବ । ଯଦି ବିଏ ଓ ବିଏସସି ପ୍ରାର୍ଥୀ ନ ମିଳନ୍ତି ତେବେ ଅନ୍ୟ ଜିଲାର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଛି । କିନ୍ତୁ ରାୟଗଡା ଜିଲାର ବିଜ୍ଞାପନ ଅନୁସାରେ, ପ୍ରଥମେ ଜିଲାର ଓଏସଟିଇଟି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ଏହି ପ୍ରାର୍ଥୀ ନ ମିଳିଲେ ଜିଲା ବାହାର ଓଏସଟିଇଟି ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ଜିଲା ବାହାରର ଓଏସଟିଇଟି ଯୋଗ୍ୟ ପ୍ରାର୍ଥୀଙ୍କୁ ଗୁରୁତ୍ୱ ନ ଦେଇ ଅନ୍ୟ ଜିଲା ଭଳି ନିଜ ଜିଲାର ବିଏସସି ଓ ବିଇଡ଼ି ପ୍ରାର୍ଥୀଙ୍କୁ ସାମିଲ କରାଯାଉ ବୋଲି ଦାବି କରିଛନ୍ତି । ଗାଇଡ଼ ଲାଇନ ହିସାବରେ ଆମେ କାମ କରିବୁ । ରାୟଗଡା ଜିଲା ପାଇଁ ଯାହା ଗାଇଡ଼ ଲାଇନ ରହିଛି ତାକୁ ଆମେ ଅନୁସରଣ କରିବୁ ବୋଲି ଜିଲାପାଳ କହିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଆମ କଥାକୁ ଶୁଣୁନାହାନ୍ତି । ବାଧ୍ୟ ହୋଇ ଆମେ ନ୍ୟାୟାଳୟର ଦ୍ୱାରସ୍ଥ ହେବୁ ବୋଲି ପ୍ରାର୍ଥୀମାନେ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନିକିତା ପାଳ, ଗାୟତ୍ରୀ ସୁନାନୀ, ଅଙ୍କିତା ଚୌଧୁରୀ, ସରିତା ପାତ୍ର, ପଲ୍ଲବୀ ପାଦକ ରମାକାନ୍ତ, ମଣିକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

### ମହେନ୍ଦ୍ର ପାଇଲେ ଏନ୍‌ଏସ୍‌ଏସ୍ ସେବା ପଦକ



**ରାୟଗଡା ଅଫିସ, ୧୧।୧୦**

ରାୟଗଡ଼ାର ଛାତ୍ର ମହେନ୍ଦ୍ରନାଥ ପଟ୍ଟନାୟକ ଏନ୍‌ଏସ୍‌ଏସ୍ ସେବା ପଦକ ପାଇଛନ୍ତି । ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ମହେନ୍ଦ୍ର ଆନ୍ଧ୍ର ୟୁନିଭର୍ସିଟିରେ ହିନ୍ଦୀରେ ସ୍ନାତକ ଡ଼ିଗ୍ରୀ କରୁଛନ୍ତି । ସେ ଛାତ୍ର ଜୀବନରୁ ସମାଜ ସେବା ପାଇଁ କାମ କରନ୍ତି । ଏଥିପାଇଁ ପୂର୍ବରୁ ଜାତୀୟ ସେବା ସଂସ୍ଥା ପକ୍ଷରୁ ତାଙ୍କୁ ସମ୍ମାନିତ ମଧ୍ୟ କରାଯାଇଛି । ସେ ଆନ୍ଧ୍ରରେ ରହୁଥିବାରୁ ଶୁକ୍ରବାର ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ଆସିଥିଲେ । ଆଗକୁ ଆହୁରି ଏଭଳି ସେବା କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଛନ୍ତି ।

## ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ

**ରାୟଗଡା ଅଫିସ, ୧୧।୧୦**

ସ୍ଥାନୀୟ ନ୍ୟୁକଲୋନୀଠାରେ ସତ୍ୟସାଇ ମନ୍ଦିରଠାରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ଯୁବ ସମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଆଧ୍ୟାତ୍ମିକ ଏବଂ ଶୃଙ୍ଖଳିତ ଜୀବନ କିପରି ହେବ ସେନେଇ ଯୁବକମାନଙ୍କୁ କହିଥିଲେ । ଏହି ଅବସରରେ ଗାନ୍ଧୀଙ୍କ ଜୀବନ ଶୈଳୀ, ସ୍ୱାସ୍ଥ୍ୟ, ଜୀବନର ଉଦେଶ୍ୟ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ବାଳ ବିକାଶ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପିଲାମାନେ ।

### ଯୌତୁକ ନିର୍ଯାତନା ଦେଇ ସ୍ୱାମୀ ଗିରଫ

**ଜୟପୁର,୧୧।୧୦(ନି.ପ୍ର./ଡି.ଏନ୍.ଏ.)**

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ। ଅଭିଯୁକ୍ତ ହେଲେ ଏସ୍.କେ. ନାଜିର (୩୨)। ଜୟପୁର ବ୍ରାହ୍ମଣୀଗାଁର ବାସିନ୍ଦା ଫାତିମା ବିବି ନିଜ ସ୍ୱାମୀଙ୍କ ନାମରେ ସଦର ଥାନାରେ ଅଭିଯୋଗ କରିଥିଲେ । ନାଜିର ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ସହ ବହୁଦିନ ହେଲା ଯୌତୁକ ନାଁରେ ଅତ୍ୟାଚାର କରିଆସୁଥିଲେ। ନାଜିର ଏବେ ତାଙ୍କୁ ଜୀବନରୁ ମାରିବାକୁ ତଥା ନାବାଳକ ପୁଅକୁ ଅନ୍ୟତ୍ର ବିକିଦେବାକୁ ଉଦ୍ୟମ କରୁଥିବା ନେଇ ଫାତିମା ଥାନାରେ ଏତଲା ଦେଇଥିଲେ।



ମରାଠିଗୁଡା ବ୍ଲକ ସମ୍ମୁଖ ପୂଜା ମଣ୍ଡପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି ।

## ଜୋରସୋରରେ ଚାଲିଛି ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

**ଗୁଣପୁର,୧୧।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତ ବର୍ଷ ମରାଠିଗୁଡା ବ୍ଲକ ଅଫିସ ସମ୍ମୁଖ, ଷ୍ଟେଶନ ରୋଡ, ପୁରୁଣାଗୁଣପୁର ପାଇକ ସାହି ଏବଂ ବାବୁଲି ନଗର ବୃନ୍ଦାବତୀ ନଗର କମିଟି ପକ୍ଷରୁ ମା'ଙ୍କ ପୂଜା ଆୟୋଜନ କରାଯାଇଛି । ମରାଠିଗୁଡାଠାରେ ମା'ଙ୍କ ପୂଜା ୯ ଦିନ ଧରି ଚାଲିବ । ଏଠାରେ ବାଣିଜ୍ୟମେଳା ଆୟୋଜିତ ହେବ। ଏଥିସହ ୭ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ, କୁଙ୍କୁମ ପୂଜା, ଝୋଟି, ନୃତ୍ୟ ଏବଂ ଖୋଲା ପ୍ରଶ୍ନ ମଞ୍ଚ ପ୍ରତିଯୋଗିତା ଆଦି ଆୟୋଜନ ହେବ। ଏଥିସହ ଭବାନୀପାଟଣା ଓ ବ୍ରହ୍ମପୁର କଳାକାରମାନଙ୍କ ଦ୍ୱାରା ମେଲୋଡି ଏବଂ ପଦ୍ମପୁର, ରାୟଗଡା ଓ ବ୍ରହ୍ମପୁର ଅଞ୍ଚଳର କଳାକାରମାନଙ୍କୁ ନେଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହେବ । ଆକର୍ଷଣୀୟ ତୋରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ଅନ୍ୟାନ୍ୟ ପୂଜା ମଣ୍ଡପରେ ୭ ଦିନ ପାଇଁ ପୂଜା ଅନୁଷ୍ଠିତ ହେବ । ବୃନ୍ଦାବତୀ ନଗର ବାବୁଲି ନଗର ପୂଜା କମିଟି ପକ୍ଷରୁ ଡ୍ରାମା ଆୟୋଜନ କରାଯିବ ।

■ ଟଙ୍କଧରଙ୍କୁ ସହାୟତା ଦାବି

## ପ୍ରଶାସନର ଦ୍ୱାରସ୍ଥ ହେଲେ ଯୁବଗୋଷ୍ଠୀ

**ପଦ୍ମପୁର, ୧୧।୧୦ (ଡି.ଏନ୍.ଏ.)**

ମା' ବାପା ଚାଲିଯିବାର ଦୁଃଖରେ ମାନସିକ ଭାରସାମ୍ୟ ହରାଇଥିବା ମେଧାବୀ ଯୁବକ ଟଙ୍କଧର ବିଡ଼ିକାଙ୍କ ଚିକିତ୍ସା ନେଇ ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶୀ ସଦସ୍ୟମାନେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ତୁରନ୍ତ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି । ଟଙ୍କଧରଙ୍କୁ ଉପଯୁକ୍ତ ଚିକିତ୍ସା କରିବା ସହ ସହଯୋଗ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ରାଡୁ ଗ୍ରାମରେ ଟଙ୍କଧରଙ୍କ ଘର। ସେ ଜଣେ ମେଧାବୀ ଛାତ୍ର ଥିଲେ। ତାଙ୍କର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।



ତାଙ୍କର ବାପା ଓ ମା'ଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସାମ୍ୟ ହରାଇ ଗାଁରେ ଏଣେତେଣେ ବୁଲୁଥିଲେ । କିଛି ଦିନ ତଳେ ଉକ୍ତ ଗ୍ରାମର ଯୁବ ଗୋଷ୍ଠୀ ତାଙ୍କୁ ଆଣି ସଫା ସୁତରା କରିବା ସହ ନୂଆ ପୋଷାକ ପିନ୍ଧାଇଥିଲେ। ଏ ନେଇ ଏକ ଖବର ଗତ ମାସ ୩୦ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା ।

## ବର୍ଷାରେ ଭୁଶୁଡ଼ିଲା କାନ୍ଥ



ଭୁଶୁଡି ପଡିଥିବା କାନ୍ଥ।

**ଗୁଣପୁର,୧୧।୧୦(ଡି.ଏନ.ଏ)**

ଲଗାଣ ବର୍ଷା ଯୋଗୁ ରାୟଗଡା ଜିଲା ଗୁଣପୁର ବ୍ଲକ ଚାଲକମ୍ବା ପଞ୍ଚାୟତ ପୋଡସିଂ ଗ୍ରାମର ବିଞ୍ଚାବିନ ବେବର୍ତ୍ତାଙ୍କ ଘରର କାନ୍ଥ ଭୁଶୁଡି ପଡ଼ିଛି । ଗୁରୁବାର ବର୍ଷା ହେବା ପରେ ଏହା ଭାଙ୍ଗି ଯାଇଥିଲା। ଏଥିରେ କେହି ମୃତାହତ ହୋଇନାହାନ୍ତି । ତାଙ୍କର ଗୁହାଳ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏନେଇ ସରପଞ୍ଚଙ୍କୁ ଅବଗତ କରାଯିବା ପରେ ରାଜସ୍ୱ ନିରୀକ୍ଷକଙ୍କୁ ସୂଚନା ଦିଆଯାଇଥିଲା ।

# ଥିଲେ ଦିଅ, ନ ଥିଲେ ନିଅ

**ଟିକିରି,୧୧।୧୦(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ଟିକିରି ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ଟିକିରି ବିକାଶ ପରିଷଦ ପକ୍ଷରୁ ଥିଲେ ଦିଅ, ନଥିଲେ ନିଅ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏଥିରେ ଟିକିରି ଥାନାଧିକାରୀ ସୁଜ୍ଞାନୀ ସାହୁ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ଟିକିରି ଅଞ୍ଚଳର ବ୍ୟକ୍ତିବିଶେଷ ସେମାନଙ୍କ ବ୍ୟବହାର ହୋଇ ନ ଥିବା ଶାଢୀ,ସାର୍ଟ, ଟି ସାର୍ଟ, ଡ୍ରେସ ଆଦି ଦାନ କରିଥିଲେ । ସାହିତ୍ୟିକ ନିରଞ୍ଜନ ନାୟକ ଟିକିରି ଓ ଆଖପାଖ ଅଞ୍ଚଳର ଗରିବଙ୍କୁ ଏହା ପ୍ରଦାନ କରାଯିବ ବୋଲି କହିଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଆଦର୍ଶ ମାନି ଗୋଟିଏ ପରେ ଗୋଟିଏ ଜନକଲ୍ୟାଣ କାମ ଟିକିରି ବିକାଶ ପରିଷଦ ଦ୍ୱାରା କରାଯାଉଥିବା ଶ୍ରୀଧର ପାଣିଗ୍ରାହୀ, ରବୀନ୍ଦ୍ର ତ୍ରିପାଠୀ, ଶ୍ରୀଧର ସ୍ୱାଇଁ, ମୁକୁନ୍ଦ ବିଶୋଇ ପ୍ରମୁଖ ପ୍ରକାଶ କରିଛନ୍ତି । ଏଥିରେ ସେନ ସାହୁ, ଟି. ବାଦଲ ମିଥୁନ ସାହୁ, ରାକେଶ ରଥ, କାମା ସାହୁ, ହୃଷିକେଶ ସାହୁ, ପବିତ୍ର ନାଏକ, ପ୍ରସନ୍ନ ବେହେରା ଉପସ୍ଥିତ ଥିଲେ । ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ବିକାଶ ପରିଷଦ ସଦସ୍ୟମାନେ।

# ଦୁର୍ଦ୍ଦିନରେ ଫଟାଗାଡା ଗ୍ରାମବାସୀ

**ଟିକିରି, ୧୧।୧୦ (ଡି.ଏନ୍.ଏ.)**

### ଗୁହାରି ଶୁଣୁନି ପ୍ରଶାସନ

■ ମରାମତି ଅଭାବରୁ ରାସ୍ତା ଶୋଚନୀୟ
■ ପାଣି ପାଇଁ ଡହଳବିକଳ
■ ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର



ଗ୍ରାମକୁ ଯାଇଥିବା ରାସ୍ତା ।

ଗ୍ରାମରେ ନାହିଁ ଭଲ ରାସ୍ତାଟିଏ । ଡ୍ରେନର ସୁବିଧା ନ ଥିବାରୁ ଘରେ ପଶୁଛି ପାଣି। ନଦୀ ଭିତରେ ପଶି ଯାଆସ କରୁଛନ୍ତି ଗ୍ରାମବାସୀ । ବାରମ୍ବାର ଗୁହାରି କଲେ ମଧ୍ୟ କେହି ସେମାନଙ୍କ ଦୁଃଖ ଶୁଣୁ ନାହାନ୍ତି । ଏପରି ଦୁର୍ଦ୍ଦିନରେ ରହିଛନ୍ତି ରାୟଗଡ଼ା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଫଟାଗାଡା ଗ୍ରାମବାସୀ।

ଏହି ଆଦିବାସୀ ବହୁଳ ଗ୍ରାମରେ ପ୍ରାୟ ଶହେ ପରିବାର ବାସ କରୁଛନ୍ତି। ସ୍ଥାନୀୟ ଉତ୍କଳ ଆଲୁମିନା ଦେଇ ଯାଇଥିବା ଟିକିରି ମୁଖ୍ୟ ରାସ୍ତାଠାରୁ ଫଟାଗାଡା ଗ୍ରାମର ସାହିମୁଣ୍ଡା ପର୍ଯ୍ୟନ୍ତ ପିଏମ୍‌ଜିଏସ୍‌ୱାଇରେ ପିଚୁ ରାସ୍ତା କରାଯାଇଛି। କିନ୍ତୁ ଫଟାଗାଡ଼ାରୁ ପୁଟୁ ସାହି ଯିବା ଲାଗି ରାସ୍ତା ନାହିଁ କି ଡ୍ରେନ୍ ମଧ ନିର୍ମାଣ କରାଯାଇନାହିଁ। ପକ୍କା ଡ୍ରେନ୍ ନିର୍ମାଣ କରାଯାଇ ନ ଥିବାରୁ ବର୍ଷାଦିନେ ପାହାଡରୁ ପାଣି ଆସି ସାହି ଭିତରକୁ ପଶୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଫଟାଗାଡା ଗାଁଠାରୁ ନାଳ ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ଶହେ ମିଟର ରାସ୍ତାର ଅବସ୍ଥା ଅତି ଶୋଚନୀୟ । ସ୍ଥାନୀୟ ଅଞ୍ଚଳର କଂସାରିଗୁଡାଠାରେ ପ୍ରସ୍ତାବିତ ଆଦିତ୍ୟ ବିର୍ଲାର ଆଲୁମିନା କାରଖାନା ଦ୍ୱାରା ଫଟାଗାଡା ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି । ଗତ ଦିନରେ କମ୍ପାନୀ ପକ୍ଷରୁ ରାସ୍ତା ଓ ଡ୍ରେନ୍ ନିର୍ମାଣ କରାଯାଇଥିଲା। କିନ୍ତୁ ଏହା ମରାମତି ଅଭାବରୁ ଖରାପ ହୋଇଗଲାଣି । ଏହି ଗ୍ରାମକୁ ଆଗଭଳି କମ୍ପାନୀର ଅନୁଦାନ ମିଳୁ ନ ଥିବା ଜଣାଯାଇଛି। ସରକାର ଏହି ଗ୍ରାମ ପ୍ରତି ଅଣଦେଖା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ନିକଟରେ ଥିବା ନଦୀରେ ବ୍ରିଜ ନ ଥିବାରୁ ଗ୍ରାମବାସୀ ପାଣିରେ ପଶି ଯିବା ଆସିବା କରିଥାନ୍ତି। ବର୍ଷାଦିନେ ନଦୀରେ ପାଣି ବଢିଲେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରିଥାନ୍ତି। ପୂର୍ବରୁ ଏହି ବଢିଲା ପାଣିରେ ଗ୍ରାମର ଜଣେ ଭାସିଯାଇଥିବା ନଜିର ରହିଛି । ତେଣୁ ନଦୀ ଉପରେ ବ୍ରିଜ୍ ନିର୍ମାଣ ପାଇଁ ବାରମ୍ବାର ଗ୍ରାମବାସୀ ଦାବି କରି ଆସୁଛନ୍ତି। ହେଲେ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଜଣାଯାଇଛି। ସେହିପରି ଗ୍ରାମରେ ରହିଛି ମାତ୍ର ଦୁଇଟି ନଳକୂପ। ଖରାଦିନରେ ଜଳସ୍ତର ହ୍ରାସ ପାଉ ଥିବାରୁ ପିଇବା ପାଣି ପାଇଁ ଗ୍ରାମବାସୀ ଡ଼ହଳବିକଳ ହୋଇଥାନ୍ତି। ତୁରନ୍ତ ଗ୍ରାମରେ ଥିବା ସମସ୍ୟା ସମାଧାନ କରିବାକୁ ଗ୍ରାମର ପମନା କୁଲେସିକା, ମାଧବ କୁଲେସିକା, ସଞ୍ଜୀବ ସାମିଆ ପ୍ରମୁଖ ଦାବି କରିଛନ୍ତି।